United Nations Population Fund

# ସାଥିପୁସ୍ତିକା



## କିଶୋର କିଶୋରୀମାନଙ୍କ ପାଇଁ ଆବଶ୍ୟକୀୟ ସୂଚନା

ଅନସୂଚିତ ଜାତି ଓ ଅନସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ଅନୁଷ୍ଠାନ,
ଅନସୂଚିତ ଜନଜାତି ଓ ଅନସୂଚିତ ଜାତି କଲ୍ୟାଣ ବିଭାଗ, ଓଡ଼ିଶା ସରକାର
ଏବଂ ୟୁଏନ୍‌ଏଫ୍‌ପିଏ ଦ୍ୱାରା ପ୍ରସ୍ତୁତ

*ପିଲାମାନେ ତୁମେ ସବୁ କିପରି ଅଛ ? ଆଶା କରୁଛୁ ତୁମେ ସମସ୍ତେ ତୁମ ପରିବାର ଲୋକଙ୍କ ସହିତ ଭଲରେ ଥିବ। ତୁମେ ସବୁ ଜାଣିଛ ପିଲାମାନେ "କରୋନା" ମହାମାରୀ ପାଇଁ ପ୍ରାୟ ଆମେ ସମସ୍ତେ ମାର୍ଚ୍ଚ ମାସ ପରଠାରୁ ଘରେ ଅଛୁ। ଏହି ପରିସ୍ଥିତି ଆମକୁ ସ୍କୁଲଠାରୁ ଦୂରେଇ ଦେଇଛି, ହେଲେ ପିଲାମାନେ ଆମେ ପାଠ ପଢାରୁ ଦୂରେଇ ଯାଇନୁ। ଆମ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ, ମାଟ୍ରୋନ ଦିଦି, ଏ.ଏନ.ଏମ. ଦିଦି ସମସ୍ତେ ମଝିରେ ମଝିରେ ତୁମମାନଙ୍କ ସହିତ କଥାବାର୍ତ୍ତା ହୋଇ ତୁମମାନଙ୍କ ବିଷୟରେ ବୁଝିବା ପାଇଁ ଚେଷ୍ଟା କରୁଛନ୍ତି। କାହିଁକି ଜାଣିଛ ପିଲାମାନେ? ତୁମ ସ୍କୁଲର ସାର, ମ୍ୟାଡାମ (ଦିଦି) ମାନେ ସବୁବେଳେ ଚହାଁନ୍ତି ତୁମେ ଯେଉଁଠିବି ରୁହ ସୁସ୍ଥ ରୁହ, ସୁରକ୍ଷିତ ରୁହ ଏବଂ ଆଗକୁ ବଢିବା ପାଇଁ ନୂଆଁ ନୂଆଁ ସ୍ୱପ୍ନ ନେଇକରି ଆସ ଯାହାଫଳରେ ତୁମ ଭବିଷ୍ୟତ ଉଜ୍ୱଳମୟ ହେବ ଏବଂ ତୁମ ସପ୍ନ ସାକାର ହେବ।*

*ତୁମେ ସବୁ ଜାଣିଛ ପିଲାମାନେ ଗାଁରେ ଆମ ପାଇଁ ସ୍କୁଲ ଭଳିଆ ସୁରକ୍ଷିତ ବାତାବରଣ ନାହିଁ, ସ୍କୁଲରେ ଯେମିତି କିଛି ଅସୁବିଧା ହେଲେ ଆମେ ସାଙ୍ଗେସାଙ୍ଗେ ଆମ ବଡଦିଦିମାନଙ୍କୁ ନଚେତ ଆମ ମାଟ୍ରୋନ ଦିଦିଙ୍କୁ କହିଥାଉ ଏବଂ ତାର ପ୍ରତିକାର କରିବା ପାଇଁ ଚେଷ୍ଟା କରିଥାଉ, ସେହିଭଳି ଗାଁରେ ଆମେ କାହାକୁ କିଛି କହି ପାରିନଥାଉ କାରଣ ସମସ୍ତେ ଘରୋଇ କାମରେ ବ୍ୟସ୍ତ ରହିଥାନ୍ତି, ତୁମ କଥା ବୁଝିବା ପାଇଁ ସମର୍ଥ ହୋଇନଥାନ୍ତି। ସେଥିପାଇଁ ଯଦି କିଛି ସମସ୍ୟା ହୁଏ ଆମେ କେମିତି ନିଜକୁ ସୁରକ୍ଷିତ ରଖିବା, ସେହି ବିଷୟରେ ଆମେ ଏହି "କିଶୋରକିଶୋରୀ ମାର୍ଗଦର୍ଶିକା" ମାଧମରେ ଜାଣିବାକୁ ଚେଷ୍ଟା କରିବା।*

## ପିଲାମାନେ ଚାଲ ଜାଣିବା ଯୌନ ନିର୍ଯ୍ୟାତନା କାହାକୁ କୁହାଯାଏ ?

***"କୌଣସି ବ୍ୟକ୍ତି ନିଜ ମନରେ ଥିବା ଯୌନ ସମ୍ପର୍କିତ ଇଛାକୁ ପୂରଣ କରିବା ପାଇଁ ଅନ୍ୟ କୌଣସି ବ୍ୟକ୍ତିଙ୍କ ପ୍ରତି ଯେକୌଣସି ଆଚରଣ ପଦର୍ଶନ କରି ଶାରୀରିକ କିମ୍ୱା ମାନସିକ ସ୍ତରରେ ଆଘାତ ପହଞ୍ଚାଇବାକୁ ଯୌନ ନିର୍ଯ୍ୟାତନା କୁହାଯାଏ।"***

***"୧୮ ବର୍ଷ ବୟସରୁ କମ କୌଣସି ପୁଅ/ଝିଅ/ଉଭୟଲିଙ୍ଗିଙ୍କ ଇଛା ବା ଅନିଛା ସ୍ୱତ୍ତେ କିମ୍ୱା ୧୮ ବର୍ଷ ବା ତଦୂର୍ଦ୍ଧ ବୟସର ବ୍ୟକ୍ତିଙ୍କର ଅନିଛା ସ୍ୱତ୍ତେ ତାଙ୍କସହ କରାଯାଇଥିବା ଯେକୌଣସି ଯୌନ ସମ୍ପର୍କିତ ଆଚରଣକୁ ଯୌନ ନିର୍ଯ୍ୟାତନା କୁହାଯାଏ।***

**ଉଭୟ ପୁଅ ଏବଂ ଝିଅ ଯୌନ ନିର୍ଯ୍ୟାତନାର ଶିକାର ହୋଇଥାନ୍ତି।**

ପିଲାମାନେ ଏହି ଯୌନ ନିର୍ଯ୍ୟାତନା ଭିନ୍ନ ଭିନ୍ନ ପ୍ରକାରର ହୋଇଥାଏ ଯେମିତିକି ଭାବଭଙ୍ଗି ଦ୍ୱାରା ଅଶ୍ଳୀଳ ଇଙ୍ଗିତ କରିବା, ଅଶ୍ଳୀଳ ମନ୍ତବ୍ୟ ଦେବା, ଅଶ୍ଳୀଳ ଛବି ଦେଖାଇବା, ବାରମ୍ୱାର ତୁମକୁ ଫୋନ କରି କିମ୍ୱା ଏସ.ଏମ.ଏସ କରି ଅଶ୍ଳୀଳ କଥା କହିବା, ତୁମର ଫୋଟକୁ ନେଇ ଅଶ୍ଳୀଳ କାର୍ଯ୍ୟକଳାପରେ ଲଗାଇବା ଭଳି କାର୍ଯ୍ୟଗୁଡିକ ମଧ ଯୌନ ନିର୍ଯ୍ୟାତନାରେ ପରିଗଣିତ ହୋଇଥାଏ।

ତେଣୁ ପିଲାମାନେ ତୁମେ ଜାଣିବା ଦରକାର "ଯଦି ତୁମକୁ କୌଣସି ବ୍ୟକ୍ତିଙ୍କର କାର୍ଯ୍ୟକଳାପ ଠିକ ଲାଗୁନାହିଁ ବା କୌଣସି ବ୍ୟକ୍ତିଙ୍କର କାର୍ଯ୍ୟକଳାପ ଯୋଗୁଁ ତୁମେ ନିଜକୁ ଅସହଜ ଅନୁଭବ କରୁଛ, ସେହି ପରିସ୍ଥିତିରେ ତୁରନ୍ତ ତୁମ ପିତାମାତାଙ୍କୁ, ତୁମ ସ୍କୁଲର ମାଟ୍ରୋନ ଦିଦି କିମ୍ୱା ଶିକ୍ଷୟିତ୍ରୀ କିମ୍ୱା ଏ.ଏନ.ଏମଙ୍କ ପାଖକୁ ଫୋନ କରି ସେମାନଙ୍କର ପରାମର୍ଶ ନିଅ"।

**ଗୁରୁତ୍ୱପୂର୍ଣ୍ଣ ସୂଚନା:-**

***ଜାଣିରଖିବା ଦରକାର ପିଲାମାନେ ଅଚିହ୍ନା ଲୋକଙ୍କ ଅପେକ୍ଷା ନିଜ ପରିଚିତ ଲୋକହିଁ ଅଧିକ ଯୌନ ନିର୍ଯ୍ୟାତନା କରିଥାନ୍ତି, ଯାହାକି ଆମ ପାଇଁ ପରବର୍ତ୍ତୀ କାଳରେ ସମସ୍ୟା ସୃଷ୍ଟି କରିଥାଏ ।***

## ଯୌନ ନିର୍ଯାତନାରୁ କିପରି ନିଜକୁ ସୁରକ୍ଷିତ ରଖିବା

- ପିଲାମାନେ ସର୍ବଦା ତୁମେମାନେ ପାରିପାର୍ଶିକ ପରିସ୍ଥିତି ବିଷୟରେ ସତର୍କ ରହିବା ଦରକାର। ଯେପରିକି ପିତାମାତା ଘରେ ଅନୁପସ୍ଥିତ ଥିବା ସମୟରେ କିଏ ଘରକୁ ବାରମ୍ବାର ଆସୁଛନ୍ତି କି ? ତୁମକୁ ଏକୁଟିଆ ତାଙ୍କ ସହ ବୁଲିଯିବା ପାଇଁ ଡାକୁଛନ୍ତି କି ? ବିନା କାରଣରେ ତୁମକୁ କୌଣସି ଉପହାର ଦେଉଛନ୍ତି କି ? ତୁମ ଶରୀରକୁ ବାରମ୍ବାର ସ୍ୱର୍ଶ କରୁଛନ୍ତି କିମ୍ବା ସ୍ୱର୍ଶ କରିବା ପାଇଁ ଚେଷ୍ଟା କରୁଛନ୍ତି କି?
- ଉପର ଲିଖିତ କୌଣସି ବ୍ୟବହାର ଅନୁଭବ କଲେ/ଚିହ୍ନଟ କଲେ ନିଜେ ସତର୍କ ରହିବା ଦରକାର ତଥା ଘଟଣା ବିଷୟରେ ନିଜ ପିତାମାତାଙ୍କୁ ଜଣାଇବା ଦରକାର ନଚେତ ସ୍କୁଲର ଯାହାର ଫୋନ ନଂ ତୁମ ପାଖରେ ଅଛି ତାଙ୍କୁ ଉକ୍ତ ବିଷୟରେ ତୁରନ୍ତ ଅବଗତ କରାଅ ବା ଜଣାଅ ଏବଂ ତାଙ୍କ ପରାମର୍ଶ ଅନୁସାରେ ଠିକ ଭାବରେ ପରିସ୍ଥିତିରୁ ନିଜକୁ ସୁରକ୍ଷିତ ରଖିବାକୁ ଚେଷ୍ଟା କର।
- ଏକୁଟିଆ ନିର୍ଜନ, ଅନ୍ଧାରିଆ ସ୍ଥାନକୁ ଯାଅ ନାହିଁ, କମ ପରିଚିତ ବ୍ୟକ୍ତିମାନଙ୍କ ସହ ଯାତ୍ରା କର ନାହିଁ, କମ ପରିଚିତ ବା ଅପରିଚିତ ଲୋକମାନଙ୍କ ଠାରୁ ଯାତ୍ରା କରିବା ସମୟରେ କୌଣସି ଖାଦ୍ୟ, ପାନୀୟ ଗ୍ରହଣ କରନାହିଁ, କୌଣସି ଲୋଭନୀୟ ବସ୍ତୁ ଯଥା ଉପହାର, ଟଙ୍କା, ପରୀକ୍ଷାରେ ଭଲ ମାର୍କ, ଚାକିରି, ବିବାହ, ପ୍ରେମ ପ୍ରତି ଆକୃଷ୍ଟ ହୋଇ କାହା ସହିତ ଯୌନ ସମ୍ପର୍କ ରଖନାହିଁ। WhatsApp, ଫେସବୁକ ଆଦି ସାମାଜିକ ଗଣପଧାମରେ ନିଜର କୌଣସି ଆପତ୍ତିଜନକ ଫୋଟ ଛାଡ ନାହିଁ ।
- ପିଲାମାନେ ମନେରଖ ଯେ, ସମସ୍ତଙ୍କ ସହ ଆଖିରେ ଆଖି ମିଶାଇ କଥା ହୁଅ ଏବଂ ଦୃଢମନା ହୁଅ।
- ସମସ୍ତଙ୍କ ବ୍ୟବହାର, କଥାବାର୍ତ୍ତା, ସ୍ୱର୍ଶ ଖରାପ ହୋଇନଥାଏ କିନ୍ତୁ ତୁମକୁ ପସନ୍ଦ ଆସୁନଥିଲେ କିମ୍ବା ତୁମେ ଚାହୁଁନଥିଲେ ଭଦ୍ରାମିର ସହ ନା' କହିବା ପାଇଁ ସାହସ ରଖ ।

## ପିଲାମାନେ ଯଦି କୌଣସି କାରଣ ବଶତଃ ତୁମେ ସେଭଳି ନିର୍ଯ୍ୟାତନାର ସାମ୍ନା କରିବ ତେବେ ସେହି ପରିସ୍ଥିତିରେ ତୁମେ କଣ କରିବ ?

⇒ ସାହାଯ୍ୟ ପାଇଁ ଜୋରରେ ଚିତ୍କାର କରିପାରିବ ଯାହାଦ୍ୱାରା ଆଖପାଖର ଲୋକ ଜାଣିପାରିବେ ଏବଂ ସାହାଯ୍ୟ ପାଇଁ ଆସିବେ

⇒ ସେ ସ୍ଥାନ ଛାଡି ପଳାଇଯିବ

⇒ ମନକୁ ଦୃଢ କରିବ

⇒ ଅସଦାଚରଣ କରୁଥିବା ବ୍ୟକ୍ତିଙ୍କୁ ବିରୋଧ କରିବ ଏବଂ ତାଙ୍କ ବ୍ୟବହାର ତୁମକୁ ଭଲ ଲାଗୁନାହିଁ ବୋଲି ଜଣେଇବ

⇒ ଘଟଣା ବିଷୟରେ ବିଶ୍ୱସ୍ତ ବ୍ୟକ୍ତିଙ୍କୁ(ପିତାମାତା, ମାଟ୍ରୋନ ଦିଦି, ଏ.ଏନ.ଏମ. ଦିଦି, ଶିକ୍ଷକ, ଶିକ୍ଷୟତ୍ରୀଙ୍କୁ) ତୁରନ୍ତ ଜଣାଇବ

⇒ ଟୋଲ ଫ୍ରୀ ନଂ- ୧୮୦୦୩୪୫୩୦୪୦ ବା ଚାଇଲ୍ଡ ଲାଇନ ନଂ- ୧୦୯୮ କୁ ଫୋନ କରିପାରିବ

⇒ ଭାରତରେ ୧୮ ବର୍ଷରୁ କମ ବୟସର ଶିଶୁମାନଙ୍କୁ ଯୌନ ନିର୍ଯ୍ୟାତନାରୁ ସୁରକ୍ଷା ଦେବା ପାଇଁ **"ଶିଶୁ ଯୌନ ଅପରାଧ ସୁରକ୍ଷା ଆଇନ-୨୦୧୨" (ପୋକସୋ) ଆକ୍ଟର** ବ୍ୟବସ୍ଥା ରହିଛି।

***ତୁମ ପ୍ରତି ହୋଇଥିବା ଯୌନ ନିର୍ଯ୍ୟାତନା ପାଇଁ ତୁମେ କୌଣସିମତେ ଦାୟୀ ନୁହଁ। ନିଜର ଆତ୍ମବିଶ୍ୱାସ ସୁଦୃଢ ରଖିବା ପାଇଁ ଚେଷ୍ଟା କରିବ। ନିଜର ଜୀବନ ମୂଲ୍ୟବାନ ମନେରଖ ଏବଂ ପାଠପଢା ଜାରି ରଖ ।***

## ବାଲ୍ୟ ବିବାହ କାହାକୁ କୁହାଯାଏ ?

ବାଲ୍ୟ ବିବାହ ନିଷେଧ ଅଧିନିୟମ-୨୦୦୬ ଅନୁଯାୟୀ, ଝିଅର ବୟସ ୧୮ ଓ ପୁଅର ବୟସ ୨୧ ବର୍ଷରୁ କମ ବୟସରେ ବିବାହକୁ "ବାଲ୍ୟ ବିବାହ" କୁହାଯାଏ। ଭାରତର ସମ୍ବିଧାନ ଓ ଆଇନ ଅନୁଯାୟୀ ଏହା ଏକ ଦଣ୍ଡନୀୟ ଅପରାଧ ଅଟେ। ଏହି ପରିସ୍ଥିତିରେ ବିବାହ କରାଉଥିବା ପିତାମାତା,ବନ୍ଧୁବାନ୍ଧବ ସମସ୍ତେ ଦଣ୍ଡ ବିଧାନର ଭାଗିଦାର ହୋଇଥାନ୍ତି।

## ବାଲ୍ୟ ବିବାହର ବିଭିନ୍ନ କାରଣ

ତୁମେ ଜାଣିଛ ପିଲାମାନେ, ଆଜି ମଧ୍ୟ ସମାଜରେ ଝିଅଟିକୁ ପରିବାରର ବୋଝ ବୋଲି ମନେ କରାଯାଏ। ପ୍ରଚଳିତ ଯୌତୁକ ପ୍ରଥା, ପରିବାରର ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନଥିବାରୁ ଭଲ ବରପାତ୍ର ମିଳିଲେ ଝିଅଟିକୁ ଅତି ଅଳ୍ପ ବୟସରେ ବିବାହ ପାଇଁ ବାଧ୍ୟ କରାଯାଇଥାଏ। ଏହା ବ୍ୟତୀତ ଝିଅଟିଏ ବଡହେବାପରେ କେତେକ କ୍ଷେତ୍ରରେ ମାସିକ ଋତୁସ୍ରାବ ଆରମ୍ଭ ହେବା ପରେ ଝିଅଟିଏ ଘରେ ରହିଲେ ତାର ସୁରକ୍ଷା ଚିନ୍ତାକରି ପରିବାର ଲୋକେ ଶୀଘ୍ର ବିବାହ କରିଦେଇଥାନ୍ତି। ଝିଅଟିଏ ତାର କୈଶୋରାବସ୍ଥାରେ କାଳେ କେଉଁ ପୁଅଟି ସହିତ ପ୍ରେମ ସମ୍ପର୍କ ରଖି ପରିବାରକୁ ଲଜ୍ୟାଜନକ ପରିସ୍ଥିତିରେ ପକାଇବା ଭୟରେ ମଧ୍ୟ ବିବାହ କରାଇବାର ଅନେକ ଉଦାହରଣ ରହିଛି। ପୁଅ ଓ ଝିଅ ମାନଙ୍କ ମଧ୍ୟରେ ଲିଙ୍ଗଗତ ଭେଦଭାବ, ପ୍ରଥାପରମ୍ପରା, ବନ୍ଧୁବାନ୍ଧବଙ୍କ ଚାପ ଶିକ୍ଷାଗତ ଅସଚେତନତା, ଅଧାରୁ ପାଠପଢା ଛାଡି ଘରେ ରହିବା ମଧ୍ୟ ବାଲ୍ୟ ବିବାହର ଅନ୍ୟାନ୍ୟ କାରଣ। ଅନେକ ସମୟରେ ଦେଖାଯାଏ କୈଶୋରାବସ୍ଥାରେ ପ୍ରେମ ସମ୍ପର୍କରେ ପଡି କିଶୋର କିଶୋରୀମାନେ ଉପଯୁକ୍ତ ବୟସରେ ପହଞ୍ଚିବା ପୂର୍ବରୁ ବାଲ୍ୟ ବିବାହ କରିନେଇଥାନ୍ତି।

## ବାଲ୍ୟ ବିବାହ ସମସ୍ୟାକୁ ପ୍ରତିରୋଧ କରିବା ପାଇଁ ତୁମେ କଣ କରିବ

- ପରିବାରରେ ୧୮ ବର୍ଷରୁ କମ ବୟସର ଝିଅ କିମ୍ବା ୨୧ ବର୍ଷରୁ କମ ବୟସର ପୁଅକୁ ବିବାହ କରାଉଥିଲେ ତାର ପ୍ରତିବାଦ କରିବା ଏବଂ "ନା" କହିବା।
- ପିତାମାତାଙ୍କୁ ବାଲ୍ୟବିବାହର କୁପରିଣାମ ବିଷୟରେ ବୁଝାଇ କହିବା
- ନିଜର ପାଠପଢା ସମ୍ପୂର୍ଣ କରି ସ୍ୱାବଲମ୍ବୀ ହେବା। ପାଠପଢା ଅଧାରୁ ଛାଡିବା ନାହିଁ।
- କୈଶୋରାବସ୍ଥାରେ ଆତ୍ମସଂଯମତା ରକ୍ଷା କରି ପ୍ରେମ ସମ୍ପର୍କରୁ ଦୂରେଇ ରହିବା
- ପରିବାର ଲୋକେ ଅଳ୍ପ ବୟସରେ ବିବାହ ପାଇଁ ବାଧ୍ୟ କରୁଥିଲେ, ବିଦ୍ୟାଳୟରେ ଥିଲେ ଟୋଲ ଫ୍ରୀ ନଂ- ୧୮୦୦୩୪୫୩୦୪୦/ହଟ ଲାଇନ ଫୋନ ନଂ- ୧/ ପ୍ରଧାନ ଶିକ୍ଷକ/ମାଟ୍ରୋନ/ବ୍ଲକ ସଂପ୍ରସାରଣ ଅଧିକାରୀ/ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ସାହାଯ୍ୟ ନେଇପାରିବେ। ସେହିପରି ଗ୍ରାମରେ ଥିଲେ, ଅଙ୍ଗନୱାଡି/ CMPO/ପୁଲିସ-୧୦୦/ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ/ଚାଇଲ୍ଡ ଲାଇନ ନଂ-୧୦୯୮କୁ ଯୋଗାଯୋଗ କରିପାରିବେ।

***ବିବାହ ଏକ ପବିତ୍ର ବନ୍ଧନ ,ଉପଯୁକ୍ତ ବୟସରେ ବିବାହ କରି ଏକ ସୁନ୍ଦର ଜୀବନ ଅତିବାହିତ କରିବା ଉଚିତ। ମନେରଖ ଶିକ୍ଷିତ ତଥା ସ୍ୱାବଲମ୍ବୀ ଝିଅ ,ପୁଅମାନେ ନିଜର ,ନିଜ ପରିବାର ଓ ସମାଜର କଲ୍ୟାଣ ନିମନ୍ତେ ସହାୟ ହୋଇଥାନ୍ତି।***

## ଏବେ ଆମେ ଜାଣିବା ଅପ୍ରାପ୍ତ ବୟସରେ ଗର୍ଭଧାରଣ ହେଲେ କଣ ହୋଇଥାଏ ?

ଝିଅଟିଏ ୧୮ ବର୍ଷରୁ କମ ବୟସରେ ଗର୍ଭବତୀ ହେଲେ, ତାକୁ ଅପ୍ରାପ୍ତ ବୟସରେ ଗର୍ଭଧାରଣ କୁହାଯାଏ।

## ଅପ୍ରାପ୍ତ ବୟସରେ ଗର୍ଭଧାରଣର ବିଭିନ୍ନ କାରଣ-

ବାଲ୍ୟ ଅବସ୍ଥାରେ ଅର୍ଥାତ ୧୮ ବର୍ଷରୁ କମ ବୟସରେ କିଶୋରୀଟି ବିବାହ କଲେ, ଅପ୍ରାପ୍ତ ବୟସରେ ଗର୍ଭଧାରଣ କରିଥାଏ। ସେହିପରି କୈଶୋରାବସ୍ଥାରେ ପ୍ରେମ ସମ୍ପର୍କରେ ନିଜର ଯୌନ ଆକାଂକ୍ଷାକୁ ପୂରଣ କରିବା ପାଇଁ କିମ୍ବା ପୁରୁଷ ସାଥୀଙ୍କୁ ଖୁସି କରାଇବା ପାଇଁ କିମ୍ବା ପୁରୁଷ ସାଥିଙ୍କଠାରୁ ଦୂରେଇଯିବା ଭୟରେ ଶାରିରୀକ ସମ୍ପର୍କ ରଖିଲେ ଅପ୍ରାପ୍ତ ବୟସରେ ଗର୍ଭଧାରଣ କରିବାର ସମ୍ଭାବନା ରହିଥାଏ।

ଏତତବ୍ୟତୀତ, ଶାରିରୀକ ସମ୍ପର୍କ ସମୟରେ ଗର୍ଭନିରୋଧକ ପଦ୍ଧତି ବ୍ୟବହାର ସମ୍ବନ୍ଧୀୟ ଜ୍ଞାନର ଅଭାବ ତଥା ଗର୍ଭନିରୋଧକ ପଦ୍ଧତି ସହଜରେ ଉପଲବ୍ଧ ନ ହେବା, ଯୌନ ହିଂସାର ଶୀକାର ଅପ୍ରାପ୍ତ ବୟସରେ ଗର୍ଭଧାରଣର ଅନ୍ୟତମ କାରଣମାନ।

ପିଲାମାନେ ଜାଣିରଖିବା ଦରକାର-ପ୍ରେମ ସମ୍ପର୍କ ସୃଷ୍ଟିହେବାଟା କିଛି ଅସ୍ୱାଭାବିକ କିମ୍ବା ଖରାପ ପଦକ୍ଷେପ ନୁହେଁ କିନ୍ତୁ ନିଜ ପ୍ରେମିକ ସହିତ ଯୌନ ସମ୍ପର୍କ ରଖିବା ପାଇଁ ଉତ୍ସାହିତ ହୁଅନାହିଁ। ଯଦି ସେହିଭଳି ପରିସ୍ଥିତି ଆସେ ତୁରନ୍ତ ଅଭିବାବକ, ପିତାମାତା କିମ୍ବା ସ୍କୁଲର ମାଟ୍ରୋନ କିମ୍ବା ଏ.ଏନ.ଏମ. ଦିଦିଙ୍କୁ ସମ୍ପର୍କ କରି ତାଙ୍କ ପରାମର୍ଶ ନିଅ।

## ପିଲାମାନେ ଚାଲ ବର୍ତ୍ତମାନ ଆମେ ଜାଣିବା ଅପ୍ରାପ୍ତ ବୟସରେ ଗର୍ଭଧାରଣର କୁପରିଣାମ କ'ଣ ହୋଇପାରେ !

ପ୍ରଥମତଃ, କିଶୋରୀଟି ନିଜର ମୌଳିକ ଅଧିକାର ଯଥା ଉତ୍ତମ ସ୍ୱାସ୍ଥ୍ୟ, ପୋଷଣ (ଖାଦ୍ୟ), ଶିକ୍ଷାରୁ ବଞ୍ଚିତ ହୋଇଥାଏ। ଅପ୍ରାପ୍ତ ବୟସରେ ଗର୍ଭଧାରଣ କଲେ ଯେହେତୁ ଶରୀରର ବିକାଶ ଠିକ ଭାବରେ ହୋଇନଥାଏ ତେଣୁ ଉଭୟ ମା ଓ ଶିଶୁ ମୃତ୍ୟୁ ମୁଖରେ ପଡିବାର ସମ୍ଭାବନା ଥାଏ। କମ ଓଜନର ଶିଶୁ ଜନ୍ମ ହୁଏ, ବହୁତ ସମୟରେ ଶିଶୁଟି ଭିନ୍ନକ୍ଷମ ହେବାର ସମ୍ଭାବନା ଥାଏ। ଅପ୍ରାପ୍ତ ବୟସରେ ଗର୍ଭଧାରଣ କଲେ କିଶୋରୀଟି ରକ୍ତହୀନତା, ବାରମ୍ବାର ଗର୍ଭପାତ, ଗର୍ଭଧାରଣ ଜନିତ ଅନ୍ୟାନ୍ୟ ସମସ୍ୟା, ବିଭିନ୍ନ ପ୍ରକାରର ସଂକ୍ରମଣ, ଶାରିରୀକ ଦୁର୍ବଳତାର ସମ୍ମୁଖୀନ ହୋଇଥାଏ। ବିଶେଷତଃ ଅବିବାହିତ ମାତୃତ୍ୱ ହୋଇଥିଲେ ଅସୁରକ୍ଷିତ ଗର୍ଭପାତ ମାନସିକ ଦୁଶ୍ଚିନ୍ତା, ବିଭିନ୍ନ ଶାରିରୀକ ସମସ୍ୟା ଏପରିକି ଜୀବନହାନି ହେବାର ମଧ ସମ୍ଭାବନା ରହିଥାଏ।

ତେଣୁ ଆମେ ସବୁବେଳେ ଚେଷ୍ଟା କରିବା ଦରକାର ଯେମିତି କୌଣସି ପରିସ୍ଥିତିରେ ବି ଆମେ ଗର୍ଭଧାରଣ ପ୍ରକ୍ରିୟା ପାଇଁ ଉତ୍ସାହିତ ହେବା ନାହିଁ ଏବଂ ସବୁବେଳେ ନିଜକୁ ସୁରକ୍ଷିତ ରହିବା।

## ପିଲାମାନେ, ଅପ୍ରାପ୍ତ ବୟସରେ ଗର୍ଭଧାରଣର ନିରାକରଣ କେମିତି କରିବ ଏବଂ ନିଜକୁ କିପରି ସୁରକ୍ଷିତ ରଖିବ ସେ ବିଷୟରେ ଆଲୋଚନା କରିବା:-

- ପିଲାମାନେ ସବୁଠୁ ଗୁରୁତ୍ୱପୂର୍ଣ ବିଷୟ ହେଲା ବାଲ୍ୟ ବିବାହକୁ "ନା" କହି ଶିଖିବା
- ପରିବାରର ଲୋକେ ଯଦି ବାଲ୍ୟ ବିବାହ ପାଇଁ କହୁଥାନ୍ତି ସେମାନଙ୍କୁ ଏହାର କୁପରିଣାମ ବିଷୟରେ ବୁଝାଇ କହିବା
- କୈଶୋରାବସ୍ଥାରେ ଯୌନ ସମ୍ପର୍କ/ଶାରିରୀକ ସମ୍ପର୍କରୁ ଦୂରେଇ ରହିବା
- ଯଦିଓ କୈଶୋରାବସ୍ଥାରେ ବିପରୀତ ଲିଙ୍ଗ ପ୍ରତି ଆକର୍ଷଣ ଆସିବା ଏକ ସ୍ୱାଭାବିକ କଥା ତଥାପି ନିଜର ଆତ୍ମସଂଯମତା ରକ୍ଷା କରିବା। ପାଠପଢା ନ ସରିବା ପର୍ଯ୍ୟନ୍ତ, ମାନସିକ ଏବଂ ଶାରିରୀକ ସ୍ତରରେ ପରିପକ୍ୱ ନ ହେବା ପର୍ଯ୍ୟନ୍ତ ଶାରିରୀକ ସମ୍ପର୍କରୁ ଦୂରଇ ରହିବା।
- ନିଜର ରୁଚି ଅନୁଯାୟୀ ଅନ୍ୟାନ୍ୟ କାର୍ଯକ୍ରମ ଯଥା ଗପ ଲେଖିବା, କବିତା ଲେଖିବା, ଚିତ୍ରାଙ୍କନ କରିବା, ଭଲ ପାଠ ପଢି ଆତ୍ମନିର୍ଭର ହେବାପାଇଁ ଚେଷ୍ଟା କରିବା।

- ସାଙ୍ଗସାଥିଙ୍କ ଚାପର ବଶବର୍ତ୍ତୀ ନ ହୋଇ ନିଜର ଲକ୍ଷ୍ୟ ହାସଲ ପାଇଁ ପାଠ ପଢାରେ ଧ୍ୟାନ ଦେବା
- ୧୮ ବର୍ଷରୁ କମ ବୟସର ଝିଅ ଏବଂ ୨୧ ବର୍ଷରୁ କମ ବୟସର ପୁଅକୁ ଘରେ ବିବାହ ଦେବାକୁ ଚାହୁଁଥିଲେ ଘର ଲୋକଙ୍କୁ ତାର କୁପରିଣାମ ଏବଂ ଆଇନରେ ଥିବା ଦଣ୍ଡ ବିଧାନ ବିଷୟରେ ସଚେତନ କରାଇବା
- କୌଣସି କାରଣ ବଶତଃ (ପ୍ରେମ ସମ୍ପର୍କରୁ ଯୌନ ସମ୍ପର୍କ ରଖି କିମ୍ବା ଯୌନ ନିର୍ଯ୍ୟାତନାରେ ଶିକାର ହୋଇ) ଗର୍ଭବତୀ ହୋଇଥିଲେ, ସେ ବିଷୟରେ ନ ଲୁଚାଇ ନିଜର ପିତାମାତା କିମ୍ବା ସ୍କୁଲ ହଷ୍ଟେଲରେ ଥିଲେ ମାଟ୍ରୋନ, ANM, ଶିକ୍ଷୟିତ୍ରୀଙ୍କୁ ଜଣାଇବା। ନିୟମ ଅନୁଯାୟୀ ସୁରକ୍ଷିତ ଉପାୟରେ ଗର୍ଭପାତ କରାଇବା ପାଇଁ ସ୍ୱାସ୍ଥ୍ୟସେବା ଗ୍ରହଣ କରିବା
- ନିଜର ସୁରକ୍ଷା ବିଷୟରେ ସଚେତନ ରହିବା। ଆବଶ୍ୟକସ୍ଥଳେ ନିଜର ସମସ୍ୟା ପାଇଁ ବିଭାଗ ଦ୍ୱାରା ଯୋଗାଇଦିଆଯାଇଥିବା ଟୋଲ ଫ୍ରୀ ନଂ-୧୮୦୦୩୪୫୩୦୪୦, ଚାଇଲ୍ଡ ଲାଇନ ନଂ-୧୦୯୮, ହଟ ଲାଇନ ନଂ-୧, ନିଜ ବିଦ୍ୟାଳୟର ମାଟ୍ରୋନ, ANM, ଶିକ୍ଷୟିତ୍ରୀଙ୍କୁ, Police-100 ସହ ଯୋଗାଯୋଗ କରି ପରାମର୍ଶ ନେଇପାରିବା
- ନିଜ ପାଠ ପଢା ଜାରି ରଖିବା ପାଇଁ ସବୁବେଳେ ଚେଷ୍ଟା କରିବା ଦରକାର
- ମନେରଖିବା ଦରକାର ଭାରତରେ ଆଇନତଃ ଯୌନ ସମ୍ପର୍କ ପାଇଁ ସମ୍ମତି ପ୍ରଦାନ କରିବାର ସର୍ବନିମ୍ନ ବୟସ-୧୮ ବର୍ଷ ଅଟେ। ତେଣୁ ୧୮ବର୍ଷ ପୂର୍ବରୁ ଯୌନ ସମ୍ପର୍କ ରଖିବା କିମ୍ବା ଗର୍ଭଧାରଣ କରିବା, ଆଇନ ସମ୍ମତ ନୁହେଁ। ତେଣୁ ସେପ୍ରକାର ପରିସ୍ଥିତିରୁ ନିଜକୁ ଦୂରେଇ ରଖି ଗୃହକାମରେ ତଥା ପଢାପଢିରେ ଧ୍ୟାନ ଦିଅ।

***ପିଲାମାନେ ବର୍ତ୍ତମାନର ପରିସ୍ଥିତିରେ ଆମେ ପ୍ରାୟ ୫/୬ ମାସ ଧରି ଘରେ ଆମ ଗାଁରେ ରହିଛୁ। ତୁମମାନଙ୍କ ବୟସ ଅନୁସାରେ ମନ ଚଞ୍ଚଳ ରହିବା, ବିଭିନ୍ନ ସ୍ଥାନକୁ ବୁଲିବା ପାଇ ଯିବା, ବିଭିନ୍ନ କାମରେ ନିଜକୁ ସାମିଲ କରିବା ପାଇଁ ଇଚ୍ଛା ହେବାଟା ସ୍ୱାଭାବିକ କିନ୍ତୁ ଜାଣିରଖ ପିଲାମାନେ ଆମର କୌଣସି ଗୋଟିଏ ଭୁଲ ପଦକ୍ଷେପ ଆମ ଜୀବନକୁ ନଷ୍ଟ କରିବା ସଙ୍ଗେ ସଙ୍ଗେ ଆମ ପରିବାରକୁ ବିଭିନ୍ନ ଅପବାଦର ସମ୍ମୁଖୀନ କରାଇଥାଏ ତେଣୁ ତୁମେମାନେ ନିଜକୁ ଶୃଙ୍ଖଳିତ ତଥା ସୁରକ୍ଷିତ ରଖି ପାଠ ପଢାରେ ମନଦେବା ଜରୁରୀ ଏବଂ ସ୍କୁଲ ଖୋଲିବା ସମୟରେ ତୁମ ଗାଁରେ ରହୁଥିବା ସମସ୍ତ ଭାଇଭଉଣୀଙ୍କୁ ନେଇ ସ୍କୁଲକୁ ଫେରିବା ଦରକାର। ତେବେଯାଇ ତୁମର ସ୍ୱପ୍ନ ସାକାର ହେବ।***